## ହରିଦାସପୁର-ପାରାଦୀପ ରେଳପଥରେ ମାଲବାହୀ ଟ୍ରେନକୁ ବିରୋଧ

# ବାଧା ସୃଷ୍ଟି ନକରିବାକୁ ରେଳବାଇର ନିବେଦନ

କେନ୍ଦ୍ରାପଡ଼ା, ୧।୮/ଏନ୍ଏନ୍ଏନ୍: ହରିଦାସପୁର-ପାରାଦୀପ ରେଳପଥରେ ଶୁକ୍ରବାର ପରୀକ୍ଷାମୂଳକ ଭାବେ ଚଳାଚଳ ଆରମ୍ଭ କରିଥିବା ମାଲବାହୀ ଟ୍ରେନକୁ ସ୍ଥାନୀୟ ଲୋକେ ବିରୋଧ କରି ରେଳରୋକ କରିଥିଲେ। ତେବେ ରେଳ ଚଳାଚଳ ପୂର୍ବରୁ ପରୀକ୍ଷାମୂଳକ ଟ୍ରାଏଲ ରନ୍‌ର ଆବଶ୍ୟକତା ରହିଥିବାରୁ ଜନସାଧାରଣଙ୍କୁ ଏଥିରେ ବାଧା ନଦେବାକୁ ପୂର୍ବତଟ ରେଳ ବିଭାଗ ପକ୍ଷରୁ ଶନିବାର ଏକ ପ୍ରେସ୍ ବିବୃତି ମାଧ୍ୟମରେ ନିବେଦନ କରାଯାଇଛି।




ପୂର୍ବତଟ ରେଳପଥ ବିଭାଗରୁ ମିଳିଥିବା ପ୍ରେସ ବିବୃତି ଅନୁସାରେ, ବହୁ ପ୍ରତୀକ୍ଷିତ ହରିଦାସପୁର-ପାରାଦୀପ ରେଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହି ପଥରେ ଗତ ଜୁଲାଇ ୩୧ ତାରିଖରୁ ପରୀକ୍ଷାମୂଳକ ଭାବରେ ରେଳ ଚଳାଚଳ ଆରମ୍ଭ ହୋଇଛି। ତେବେ ଏହି ପଥରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳକୁ ନେଇ ଲୋକଙ୍କ ମଧ୍ୟରେ ଥିବା ଉଚ୍ଚ ଅଭିଳାଷକୁ ପୂର୍ବତଟ ରେଳପଥ ପ୍ରଶଂସା କରୁଛି। କିନ୍ତୁ ଯାତ୍ରୀବାହୀ ଟ୍ରେନ୍ ଚଳଚଳ କରିବା ପୂର୍ବରୁ ବହୁ ନିରାପତ୍ତାଭିତ୍ତିକ କାର୍ଯ୍ୟର ଆବଶ୍ୟକତା ରହିଛି। ରେଳଯାତ୍ରୀମାନଙ୍କ ସୁବିଧା ପାଇଁ କେତେକ ଯୋଗାଣ କାର୍ଯ୍ୟ କରାଯିବାର ମଧ୍ୟ ଅବଶ୍ୟକତା ରହିଛି। ପରୀକ୍ଷାମୂଳକ ମାଲବାହୀ ଟ୍ରେନ ଚଳାଚଳ ହେଉଛି ଯାତ୍ରୀବାହୀ ଟ୍ରେନ ଚଳାଚଳ କରିବା ନିମନ୍ତେ ପ୍ରାଥମିକ ପଦକ୍ଷେପ। ତେବେ ଏଥିନିମନ୍ତେ ଅତ୍ୟାବଶ୍ୟକ ନିରାପତ୍ତା କାର୍ଯ୍ୟ ଶେଷ କରିବା ସହ ଯାତ୍ରୀ ସୁବିଧା ଉପଲବ୍ଧ କରାଇବା ଆବଶ୍ୟକ ରହିଛି ବୋଲି ରେଳ ବିଭାଗ ପକ୍ଷରୁ ଦର୍ଶାଯାଇଛି। ମାଲବାହୀ ଟ୍ରେନ୍‌ର ଟ୍ରାଏଲ ରନ୍‌କୁ ବାଧାପ୍ରାପ୍ତ କଲାପରି କାର୍ଯ୍ୟ ଯଦି କାରାଯାଏ ତେବେ ଏହି ଲାଇନରେ ଯାତ୍ରୀବାହୀ ଟ୍ରେନ ଚଳାଚଳ ପାଇଁ ଫିଟ୍ ବା ଉପଯୁକ୍ତ କରାଯିବାର ସମସ୍ତ ପ୍ରଣାଳୀ ଭବିଷ୍ୟତରେ ଅହୁରି ବିଳମ୍ବ ଆଡ଼କୁ ଟାଣି ହୋଇଯିବ। ତେଣୁ ନିକଟ ଭବିଷ୍ୟତରେ ଚଳାଚଳ କରିବାକୁ ଥିବା ଯାତ୍ରୀବାହୀ ଟ୍ରେନ ପାଇଁ ରେଳପଥକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରିବାକୁ ମାଲବାହୀ ଟ୍ରେନର ପରୀକ୍ଷାମୂଳକ ଚଳାଚଳକୁ ବାଧା ପ୍ରାପ୍ତନକରି, ସୁରୁଖୁରରେ ଯାତ୍ରା ପାଇଁ ଦିଆଯିବାକୁ ପୂର୍ବତଟ ରେଳପଥ ପକ୍ଷରୁ ଜନସାଧାରଣଙ୍କୁ ପ୍ରେସ ବିବୃତି ମାଧ୍ୟମରେ ନିବେଦନ କରାଯାଇଛି।

ନିତିଦିନ NITIDIN Sun, Aug 2, 2020
http://odishanewsnitidin.com